# Akashvani, Sambalpur

## SAMBALPURI NEWS MORNING BULLETIN

## 9 June 2026 - 6.47- 6.52 am.

---

ରାଜ୍ୟ କେବିନେଟ୍        ଆଇ ଆଣ୍ଡ ପି.ଆର୍

ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ଅଧୀନ୍‌ଥି ଆତିଥ୍ୟ ଭିତିଭୂମି ଲାଗି ଭୂମି ବେଙ୍କ୍ ଯୋଜ୍‌ନାକେ ରାଜ୍ୟ କେବିନେଟ୍ ଅନୁମୋଦନ୍ କରିଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ରାଜ୍ୟ କେବିନେଟ୍‌ର ୪୧ ନମ୍ବର୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ୫ ଟା ବିଭାଗ୍‌ର ମୋଟ୍ ୧୦ ଟା ପ୍ରସ୍ତାବ୍ ଉପ୍‌ରେ ଆଲୋଚନା ହେଇକରି ଅନୁମୋଦନ୍ କରାଯାଇଛେ । ଇଥି ହୀରାକୁଦ୍ ସହେତେ ରାଜ୍ୟର୍ ଭିନ୍ ଭିନ୍ ଜରୁରୀ ପର୍ଯ୍ୟଟନ୍‌ସ୍ଥଳୀ ସାମିଲ୍ ରହେବା । ଇଥିର୍‌ଲାଗି ମୋଟ୍ ୧୫ ଶହ କୋଟି ଟଙ୍କା ଖର୍ଚ୍ଚା କରାଯିବା ।

ସମ୍ବଲ୍‌ପୁର୍ ଆଉ ତାର୍ ପାଖର୍ ଇଲାକାକେ ପିଇବାର୍ ପାଏନ୍ ଯୁଗାବାର୍ ସୁନିଶ୍ଚିତ୍ କର୍‌ବାର୍ ଲାଗି ଗୁଟେ ଅନ୍ତଃନଦୀ ଜଳାଶୟ

ତିଆର୍ କରାଯିବା । ଇ ପ୍ରକଳ୍ପ ତିଆର୍ ଆଉ ପରିଚାଳନା ଲାଗି ୪ ଶହ ୪୦ କୋଟି ୩୩ ଲାଖ୍ ୯୩ ହଜାର୍ ଟଙ୍କାର୍ ଟେଣ୍ଡର୍‌କେ କେବିନେଟ୍‌ର ମଞ୍ଜୁରୀ ମିଳିଛେ । ଇତାର୍‌ଛଡ଼ା ଭିନ୍ ଭିନ୍ ସହରାଂଚଲ୍ ଦେଇକରି ଯାଉଥିବା ନଦୀ ଖଁଡ଼ି ଆଉ ସହର୍ ଭିତ୍‌ରେ ଥିବା ଜଲ୍‌ଭଣ୍ଡାର୍ ମାନ୍‌କୁ ଭିଲ୍ ବିକାଶ୍ କରାଯିବା । ଇଥିର୍‌ଲାଗି ରାଜ୍ୟ ସର୍‌କାର୍ ଜଳତଟ ବିକାଶ୍ ଯୋଜ୍‌ନା ମୁଲ୍ କର୍‌ବେ । ଇଥି ୫ ବଛ୍‌ରେ ୫ ଶହ କୋଟି ଟଙ୍କା ଖର୍ଚ୍ଚା କରାଯିବା । ବୈଠକ୍ ଉତ୍‌ରୁ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଗଣମାଧମ୍‌କେ ସୂଚ୍‌ନା ଦେଇଛନ୍ ।

ରାଜ୍ୟପାଲ୍- ଗଜପତି ଆଇ ଆଣ୍ଡ୍ ପି.ଆର୍

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଗଜପତି ଜିଲ୍ଲାର୍ ଜିରାଙ୍ଗ ବୌଦ୍ଧ ମଠ ପରିଦର୍ଶନ୍ କରିଛନ୍ । ବିଶ୍ୱ ଶାନ୍ତି ଆଉ ସମୃଦ୍ଧି କାମ୍‌ନା କର୍‌ବାର୍ ସହେତେ ମଠର୍ ସାଧୁସନ୍ଥ ଆଉ ସ୍ଥାନୀୟ ଲୁକ୍‌କର୍ ସାଙ୍ଗେ ରାଜ୍ୟପାଲ୍ ଆଲୋଚନା କରିଛନ୍ । ଭିଏତ୍‌ନାମ୍‌ନୁ ବୁଦ୍ଧଙ୍କର୍ ଅବଶେଷ୍ ଆନ୍‌ବାର୍‌ଥି ମଠର୍ ଭୂମିକାକେ ସୁର୍‌ତା କରିକରି ରାଜ୍ୟପାଲ୍ ତାର୍ ଆଧାତ୍ମିକ୍ ଆଉ ସାଂସ୍କୃତିକ୍ ଅବଦାନ୍‌କେ ପ୍ରଶଂସା

କରିଛନ୍ । ସଖାଲ୍‌ବେଲା ରାଜ୍ୟପାଲ୍ ମହେନ୍ଦ୍ର ଗିରି ମେଳାର ମହାଯଜ୍ଞରୁ ଯୋଗ୍ ଦେଇକରି କୁନ୍ତି ମନ୍ଦିର୍ ନ ପୂଜା ପାଠ୍ କରିଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ମହେନ୍ଦ୍ରଗିରିକେ ଓଡ଼ିଶାର୍ ଆଧ୍ୟାତ୍ମିକ୍ ଉତରାଧିକାରୀ ବଲି କହିଛନ୍ ।

ଏସ୍‌ଆଇଆର ଆଇ.ଆଣ୍ଡ୍.ପି.ଆର୍

ଭୋଟର୍ ତାଲିକାକେ ନିର୍ଭୁଲ୍ ଆଉ ସ୍ୱଚ୍ଛ କର୍‌ବାର୍ ଲାଗି ରାଏଜେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍ ଅଭିଯାନ୍‌ର ଗଲାକାଏଲ୍ ୧୦ ନମ୍ବର୍ ଦିନ୍ ସରିଛେ । ବେଲ୍‌ବୁଡ଼ାର୍ ୬ ବଜେତକ୍ ରାଏଜେ ୨ କୋଟି ୭୦ ଲାଖ୍ ନୁ ଅଏତ୍‌କା ଭୋଟର୍‌ଙ୍କୁ ପରିଗଣନା ଫର୍ମ ବଂଟାଯାଇଛେ ବଲି ରାଜ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ମିଳିଛେ । ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ଆଉ ସାହାଜ୍  ପାଏବାର୍ ଲାଗି ନିର୍ବାଚନ୍ ବିଭାଗ୍ ତର୍‌ଫୁ ଜାରି କରାଯାଇଥିବା ମାହାଲିଆ ହେଲ୍ପଲାଇନ୍ ନମ୍ବର୍ ୧୯୫୦ ଥି ସାଧାରଣ୍ ଲୁକେ ଯୋଗାଯୋଗ୍ କରିପାର୍‌ବେ ।

ଓଜେଇଇ - ପରୀକ୍ଷାଫଳ      ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା- ଓଜେଇଇ ୨୦୨୬ ପରୀକ୍ଷାଫଲ୍ ଗଲାକାଏଲ୍ ବାହାରିଛେ । ବୈଷୟିକ୍ ଶିକ୍ଷା ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ପରୀକ୍ଷାଫଲ୍ ଘୋଷ୍ନା କର୍ବାର୍ ସହେତେ ଫଲାଫଲ୍ ପୁସ୍ତିକାକେ ଉନ୍ମୋଚନ୍ କରିଛନ୍ । ୧୬ ଟା ବୈଷୟିକ୍ ଆଉ ବୃତିଗତ ପାଠ୍ୟକ୍ରମ୍ ଲାଗି କମ୍ପ୍ୟୁଟର୍ ଆଧାରିତ୍ ପରୀକ୍ଷା ରାଜ୍ୟର୍ ୩୦ ଟା ଜିଲ୍ଲା ସହେତେ କୋଲ୍କାତା, ପାଟ୍ନା ଆଉ ରାଂଚିର୍ ୯ ଟା କେନ୍ଦ୍ର ନ କରାଯାଇଥିଲା । ବି.ଫାର୍ମା ଥି ଶୁଭାଂଶୁ ସୁତାର, ଏଲ୍.ଇ. ଟେକ୍ ଥି ଅରୁଣ୍ କୁମାର୍ ଜେନା, ଏମ୍ବିଏଥି ତ୍ରିବିକ୍ରମ୍ ପ୍ରଧାନ୍, ଏମ୍ସିଏଥି ନରେନ୍ ପାତ୍ର ଆଉ ଏମ୍ଟେକ୍ଥି ସ୍ୱାଗତ୍ କୁମାର୍ ବେହୁରା ପହେଲା ଠାନେ ରହିଛନ୍ । ଗଲା ମେ ୪ ନୁ ୧୦ ତାରିଖିତକ୍ ହେଇଥିବା ପରୀକ୍ଷାଥି ମୋଟ୍ ୯୨ ହଜାର୍ ୬ ଶହ ୨୮ ଝନ୍ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ପରୀକ୍ଷାର୍ଥୀମାନେ ojee.nic.in ୱେବ୍ସାଇଟ୍ଥି ନିଜର୍ ପରୀକ୍ଷାଫଲ୍ ଦେଖିପାର୍ବେ ।  ଇ ମାସ ୩ ନମ୍ବର୍ ହପ୍ତାନୁ କାଉନ୍ସେଲିଂ ମୁଲ୍ ହେବା ।

ବିର୍ସାମୁଣ୍ଡା ତିରୋଧାନ୍ ଦିବସ୍ ଆଇ ଆଣ୍ଡ୍ ପି.ଆର୍

ଭୁବ୍ନେଶ୍ୱର୍ ବିଧାନ୍ସଭା ପରିସର୍ ନ ଆଏଜ୍ ଶହୀଦ୍ ବିର୍ସାମୁଣ୍ଡାଙ୍କର୍ ତିରୋଧାନ୍ ଦିବସ୍ କାର୍ଯ୍ୟକ୍ରମ୍ ହେବା । ବାଚସ୍ପତି ସୁରମା ପାଢ଼ୀ, ମନ୍ତ୍ରୀମଣ୍ଡଲ୍ର ସଦସ୍ୟ, ବିଧାୟକ୍ ଆଉ ଅଲ୍ଗା ଅତିଥି ମାନେ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ପରିସର୍ ନ ଥିବା ଶହୀଦ୍ଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କର୍ବେ ।

ଆକାଶ୍ବାଣୀ ଭବାନୀପାଟ୍ନା କଲାହାଣ୍ଡି ସମ୍ବାଦଦାତା

ଆକାଶ୍ବାଣୀର ୯୦ ବଛର୍ ପୂର୍ତି ଅବ୍ସରେ ଆକାଶ୍ବାଣୀ ଭବାନୀପାଟ୍ନା କେନ୍ଦ୍ର ତର୍ଫୁ ଜିଲ୍ଲା ଟାଉନ୍ ହଲ୍ ନ 'ନବତି ଗୌରବାନ୍ୱୟୀ' ସୁଗମ୍ ସଂଗୀତ୍ ସମାରୋହ ଆଉ ସମ୍ବର୍ଦ୍ଧନା ସଭା ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍ୱାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଆକାଶ୍ବାଣୀ ଇତିହାସ୍ ଆଉ ଜନସମ୍ପର୍କ ବାବ୍ଦେ କହିଥିଲେ । ଇ ଅବ୍ସରେ

ନିୟମିତ୍ ଶ୍ରୋତା ଚିତ୍ରସେନ୍ ଶବର୍, ମନୋଜ୍ ପଟେଲ୍, ସୀମାଂଚଳ ଶବର୍, କ୍ଷମାସାଗର୍ ସାହୁ ଆଉ ବରିଷ୍ଠ କଳାକାର୍ ଶଶାଙ୍କ ଶେଖର୍ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା । ଇତାର୍‌ସହେତେ ନାଁକରା କଣ୍ଠଶିଳ୍ପୀମାନେ ସଂଗୀତ୍ ପରିବେଶ୍ କରିଥିଲେ ।

ରାଜ୍ୟ ସର୍‌କାର୍ ପୂର୍ତି-ପ୍ରସ୍ତୁତି ବୈଠକ୍      ଦେବ୍‌ଗଡ୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ୨ ବଛର୍ ପୂର୍ତି ଅବ୍‌ସରେ ଦେବ୍‌ଗଡ୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଳନୀ କକ୍ଷ ନ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ୨ ନମ୍ବର୍ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ସର୍‌କାର୍‌ଙ୍କର୍ ୨ ବରସ୍‌ର ସଫଲ୍ କାର୍ଯ୍ୟକାଲ୍ ପୂର୍ତି ଉତ୍ସବ୍ ଆଉ ବିକାଶ୍‌ଧାରା ଓଡ଼ିଶା ସାରା ଶୀର୍ଷକ୍ କାର୍ଯ୍ୟକ୍ରମ୍ ଜିଲ୍ଲା ନ ଆଏବା ୧୨ ତାରିଖ୍ ନୁ ମୁଲ୍ ହେବା ।

ପାଣିପାଗ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଇହାଦେ ଦେଶର୍ କେତେଟା ରାଜ୍ୟ ନ ପୁହୁଁଚିଛେ । ଗୁଜୁରାଟ୍ ଛଡ଼ା ଦେଶର୍ ଅଲ୍‌ଗା ରାଏଜେ ପ୍ରାକ୍

ମୌସୁମୀ ବର୍ଷା ଦେଖ୍ବାର୍କେ ମିଲିଛେ । ସେଆଡ଼େ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ୩ ଦିନ୍ ଭିତ୍ରେ ରାଜ୍ୟର୍ କିଛିଟା ଇଲାକା ନ ପୁହୁଁଚିବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଆକଲନ୍ କରାଯାଇଛେ । ଇତାର୍ସହେତେ କାଲ୍ବୈଶାଖୀର୍ ବଲେ ଆଏବା ୨୪ ଘଂଟା ଭିତ୍ରେ ସୁନ୍ଦର୍ଗଡ଼୍, ଝାର୍ସୁଗୁଡ଼ା ସହେତେ ରାଜ୍ୟର୍ ୧୧ ଟା ଜିଲ୍ଲା ନ ଜବର୍ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଗଲାକାଏଲ୍ ରାଜ୍ୟର୍ ଟିଟିଲାଗଡ଼୍ ନ ୪୨ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଥିବାର୍ ବେଲେ ବୌଦ୍ଧ ନ ୪୧ ଦଶ୍ମିକ୍ ୫, ବଲାଙ୍ଗିର୍ ନ ୪୧ ଦଶ୍ମିକ୍ ୧, ଭବାନୀପାଟ୍ନା ନ ୪୧ ଡିଗ୍ରୀ ସେଲ୍ସିଅସ୍ ତାପମାତ୍ରା ରେକର୍ଡ଼ କରାଯାଇଛେ ।